## ଲୁହାଛଡ଼ ଚୋରି ଅଭିଯୋଗ, ୫ ଗିରଫ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଲୁହାଛଡ଼ ଚୋରି ଅଭିଯୋଗରେ ବଡବଜାର ଥାନା ପୋଲିସ ବୁଧବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଡିର ସୁନୀଲ ସେଠୀ, ଗାଣ୍ଡୁ ସାହୁ, ଶ୍ରୀରଙ୍ଗରାଜପୁରର ମଧୁସୂଦନ ସେଠୀ, ଲୋଚାପଡାର ଏଲ. କାଳୁ ଦାସ ଓ ଏଲ.ସୁନୀଲ କୁମାର ଦାସ। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ଚୋରି ହୋଇଥିବା ଲୁହା ଛଡକୁ ଜବତ କରିଛି। ପ୍ରକାଶ ଯେ, ତ୍ରିମୂର୍ତ୍ତି ମନ୍ଦିର ସାହିର ପୂର୍ଣ୍ଣିମା ସାହୁଙ୍କର ହରଡାଖଣ୍ଡି ଠାରେ ଏକ ଘର ତିଆରି ଚାଲିଛି। ଗତ ୨୫ତାରିଖରେ କେତେଜଣ ଦୁର୍ବୃତ୍ତ ସେଠାରୁ ୨୬୪ଟି ଲୁହା ଛଡ ଚୋରାଇ ନେଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା।

## ୨ କଲେଜର ସ୍ଥିତି ସମୀକ୍ଷା କଲେ ଉପଜିଲାପାଳ

ଶେରଗଡ,୧।୧୧(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ଯୁକ୍ତ ୨ କଲେଜ ଓ ଡିଗ୍ରୀ କଲେଜ ଏବେ ସରକାର ଅଧୀନରେ ଅଛି। ପରନ୍ତୁ ପୁରା ସରକାରୀ ହୋଇନାହିଁ। ଭଞ୍ଜନଗର ଉପଜିଲାପାଳ କଲେଜ ପରିଚାଳନା କମିଟିର ସଭାପତି ଅଛନ୍ତି। ଉପଜିଲାପାଳ ଅନୀଲ କୁମାର ସେଠୀ ବୁଧବାର ଦୁଇ କଲେଜର ସ୍ଥିତି ସମୀକ୍ଷା କରିଛନ୍ତି। ବ୍ଲକ ସଭାଗୃହରେ ଯୁକ୍ତ ଦୁଇ କଲେଜର କର୍ମଚାରୀ ଓ ଅଧାପକ କେତେ ଅଛନ୍ତି, କଲେଜରେ ଚାଲିଥିବା ଉନ୍ନୟନ କାମ ଠିକ ଚାଲିଛି କି ନାହିଁ, କଲେଜର କୋଠାଗୁଡିକର ସ୍ଥିତି, କି କି ସମାସ୍ୟା ସୃଷ୍ଟି ହେଉଛି ସେ ସଂପର୍କରେ ସମୀକ୍ଷା କରିଛନ୍ତି। ସେହିପରି ଡିଗ୍ରୀ କଲେଜର ଉନ୍ନୟନ କାମର ଅଗ୍ରଗତିରେ ସମୀକ୍ଷା କରିଛନ୍ତି।

ଦୁଇ କଲେଜର ଯାହା ସମାସ୍ୟା ଅଛି ତାକୁ ପୁଣି ଏକ ବୈଠକ କରି ସମାଧାନ କରିବା ବୋଲି କହିଥିଲେ। ବୈଠକରେ ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ଯୁକ୍ତ ୨ ଅଧ୍ୟକ୍ଷ ଉପେନ୍ଦ୍ର ବାଡତ୍ୟା, ଯୁକ୍ତ୩ ର ଅଶୋକ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶୀତବସ୍ତ୍ର ପସରା ମେଲିଲେଣି ତିବ୍ବତୀୟାନ

ବ୍ରହ୍ମପୁର,୧।୧୧(ସ୍ମୃତି ରଞ୍ଜନ ମହାଲିକ)

କୁମାର ପୂର୍ଣ୍ଣିମାଠାରୁ ବ୍ରହ୍ମପୁର ମହାନଗରରେ ଶୀତ ଅନୁଭୂତ ହେବା ଆରମ୍ଭ କରିଛି। ରାତିର ତାପମାତ୍ରାରେ ପରିବର୍ତ୍ତନ ଘଟୁଛି। ଆଗକୁ ଅଧିକ ଶୀତକୁ ଦୃଷ୍ଟିରେ ରଖି ଲୋକେ ଶୀତବସ୍ତ୍ର କିଣିବା ଆରମ୍ଭ କଲେଣି। ବ୍ରହ୍ମପୁରର ଏସ୍ଏସ୍ଭିଟି ପଡିଆରେ ଏବେଠୁ ଶୀତବସ୍ତ୍ର ବିକ୍ରି ଆରମ୍ଭ ହୋଇଗଲାଣି। ପ୍ରତିବର୍ଷ ଭଳି ଶୀତବସ୍ତ୍ର ବିକ୍ରି ପାଇଁ ଗଜପତି ଜିଲାର ଚନ୍ଦ୍ରଗିରି ଅଞ୍ଚଳରୁ ତିବ୍ବତୀୟାନମାନେ ଏଠାକୁ ଛୁଟି ଆସିଲେଣି। ସବୁଥର ଭଳି ଚଳିତଥର ମଧ୍ୟ ଏସଏସଭିଟି ପଡିଆରେ ତିବ୍ବତୀୟାନ ରିଫ୍ୟୁଜି ଉଲେନ ମାର୍କେଟ ଖୋଲିଛି। ଗତ ୨୦ତାରିଖରୁ ଏଠାରେ ଶୀତ ବସ୍ତ୍ର ବିକ୍ରି ଆରମ୍ଭ ହୋଇଛି। ଏସ୍ଏସ୍ଭିଟି ପଡ଼ିଆଟି ଚଳଚଞ୍ଚଳ ହୋଇ ଉଠିଛି। ଅପରାହ୍ନ ଓ ସନ୍ଧ୍ୟାରେ ସହରବାସୀଙ୍କ ଭିଡ ଜମୁଛି। ଚଳିତବର୍ଷ ଏହି ମାର୍କେଟରେ ୩୮ଟି ଷ୍ଟଲ ଖୋଲାଯାଇଛି। ବିଏମସି ପକ୍ଷରୁ ଅନୁମତି ମଧ୍ୟ ମିଳିଛି। ୬ଟି ପରିବାରର ଲୋକେ ଶୀତବସ୍ତ୍ର ବିକ୍ରି କରୁଛନ୍ତି। ଏହି ପରିବାରଗୁଡିକ ଏବେ ଗାନ୍ଧୀ ନଗରଠାରେ ଭଡାରେ ରହୁଛନ୍ତି। ଆସନ୍ତା


ଶୀତ ବସ୍ତ୍ର ବିକ୍ରି କରୁଥିବା ତିବ୍ବତୀୟାନ ମହିଳା।

### ଚଳଚଞ୍ଚଳ ଏସ୍ଏସ୍ଭିଟି ପଡ଼ିଆ



ଶୀତ ବସ୍ତ୍ର ବିକ୍ରି ହେଉଥିବା ତିବ୍ବତୀୟାନ ବଜାର।

ଜାନୁୟାରୀ ୨୪ ତାରିଖ ଯାଏ ଶୀତ ବସ୍ତ୍ର ବିକ୍ରି କରାଯିବ ବୋଲି ମାର୍କେଟର ସଭାପତି ସିରିଂ ୟାଙ୍ଗଜମ କହିଛନ୍ତି। ଦୀର୍ଘ ୪୦ ବର୍ଷ ଧରି ବ୍ରହ୍ମପୁର ସହରରେ ଶୀତବସ୍ତ୍ର ବିକ୍ରି କରୁଛୁ। ଅମୃତସର, ନେପାଳ ଓ ବ୍ୟାଙ୍କକରୁ ଶୀତବସ୍ତ୍ର ଅଣାଯାଉଛି। ୨୦୧୯ କରୋନା ସମୟରୁ ବ୍ୟବସାୟ ମାନ୍ଦା ରହିଥିଲା। ଗତବର୍ଷ ମଧ୍ୟ ବ୍ୟବସାୟ ଆଶାନୁରୂପକ ହୋଇ ନ ଥିଲା। ଚଳିତବର୍ଷ ଶୀତ ଆରମ୍ଭରୁ ସହରବାସୀଙ୍କ ଭିଡକୁ ଦେଖିଲେ ବ୍ୟବସାୟ ଆଶାନୁରୂପକ ହେବ ବୋଲି ସଭାପତି କହିଛନ୍ତି। ମାର୍କେଟ ପ୍ରବେଶ ଦ୍ୱାର ସମେତ ପରିସରରେ ବୁଦ୍ଧଙ୍କ ବିଭିନ୍ନ ବାଣୀ ଲିଖିତ ପତାକା ବନ୍ଧା ଯାଇଛି। ଯାହାକି ଶାନ୍ତି ଓ ମୈତ୍ରୀର ଭାବନା ସୃଷ୍ଟିରେ ସହାୟକ ହୋଇଥାଏ ବୋଲି ତିବ୍ବତୀୟାନଙ୍କ ବିଶ୍ୱାସ ରହିଛି।

ଏହି ମାର୍କେଟରେ ବର୍ତ୍ତମାନ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ଯୁବତୀ ଓ ଯୁବକଙ୍କ ନିମନ୍ତେ ଭଳିକି ଭଳି ବିଭିନ୍ନ ପସନ୍ଦର ଶୀତ ବସ୍ତ୍ର ବିକ୍ରି ହେଉଛି। ଛୋଟ ଶିଶୁଙ୍କ ନିମନ୍ତେ ବାବା ସୁଟ, ସ୍ୱେଟର, ଜ୍ୟାକେଟ, ପାରାସୁଟ ଜ୍ୟାକେଟ ଓ ସ୍କୁଲ ୟୁନିଫର୍ମ ସ୍ୱିଟର ବିକ୍ରି ହେଉଛି। ଯାହାର ମୂଲ୍ୟ ୧୦୦ଟଙ୍କାରୁ ଆରମ୍ଭ ହୋଇ ୯୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ମହିଳାଙ୍କ ନିମନ୍ତେ ସ୍ୱିଟର, ସ୍ୱିଟ ସାର୍ଟ, ପାରାସୁଟ ଜ୍ୟାକେଟ, ଚାଦର, ଷ୍ଟଲ ବିକ୍ରି ହେଉଛି। ଯାହାର ମୂଲ୍ୟ ୮୦୦ରୁ ଆରମ୍ଭ ହୋଇ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ପୁରୁଷଙ୍କ ନିମନ୍ତେ ବିଭିନ୍ନ ଡିଜାଇନର ଜ୍ୟାକେଟ ବିକ୍ରି ହେଉଛି। ଏହାର ମୂଲ୍ୟ ମଧ୍ୟ ୮୦୦ରୁ ଆରମ୍ଭ ହୋଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ବିଏମ୍ସି ପକ୍ଷରୁ ବଜାରରେ ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ପାଇଁ ବ୍ୟବସାୟୀମାନେ ମତ ପ୍ରକାଶ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ରଶ୍ମିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟ ଦଳରେ ବ୍ରହ୍ମପୁରର ୩ ପ୍ରତିଯୋଗୀ


ରାଜ୍ୟ ଦଳକୁ ମନୋନୀତ ୩ ପ୍ରତିଯୋଗୀ।

### ଜାତୀୟସ୍ତରୀୟ ଟେନିସ୍ ବଲ କ୍ରିକେଟ

ବ୍ରହ୍ମପୁର,୧।୧୧(ତନୁଶ୍ରୀ ନାହାକ) ନଭେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଦୋଣ୍ଡାଇଚାଠାରେ ୧୭ ବର୍ଷରୁ କମ ଜାତୀୟ ସ୍ତରୀୟ ଟେନିସ ବଲ କ୍ରିକେଟ ଚମ୍ପିୟନସିପ ଅନୁଷ୍ଠିତ ହେବ। ଏଥି ନିମନ୍ତେ ବୁଧବାର ରାଜ୍ୟ ଦଳ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା କରିଛି। ରାଜ୍ୟ ଦଳରେ ବ୍ରହ୍ମପୁରର ୩ ପ୍ରତିଯୋଗୀ ଅଛନ୍ତି। ସେମାନେ ହେଲେ ଶ୍ରୀଜିତ ନାହାକ, ତେଜେଶ୍ୱର ସାହୁ ଓ ଟି.ଅମନ କୁମାର। ଏହି ପ୍ରତିଯୋଗୀମାନଙ୍କୁ ବ୍ରହ୍ମପୁର ଟେନିସ ବଲ କ୍ରିକେଟ ଟିମ ପକ୍ଷରୁ ସଭାପତି କେ. ଭାଗିରଥୀ ରାଓ ଓ ସମ୍ପାଦକ ସଂଜୟ କୁମାର ବିଷୋୟୀ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ଟିମ୍ ସହ ମ୍ୟାନେଜର ଭାବେ ଟି.ଦିଲେଶ୍ୱର ରାଓ ଓ ପିଣ୍ଟୁ ବେହେରା ଯାତ୍ରା କରୁଛନ୍ତି।

## ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

### ହତ୍ୟା ମାମଲା

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ବୁଧବାର ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ସେ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସାନବୁରୁଡ଼ା ଗ୍ରାମର କବିରାଜ ମଳିକ ଓରଫ ଜାନୀ ଓ ବୀର ମଳିକ।

ମାମଲାରୁ ପ୍ରକାଶ ଯେ, ସାନବୁରୁଡ଼ା ଗ୍ରାମର ପ୍ରକାଶ ମଳିକ ୨୦୧୯ ଜୁନ ୧୬ ତାରିଖ ସନ୍ଧ୍ୟାରେ ଘରୁ କେଉଁଆଡ଼େ ଚାଲିଯାଇ ରାତିରେ ଆଉ ଫେରି ନ ଥିଲେ। ସେ ଜଙ୍ଗଲକୁ ଶିକାର କରିବାକୁ ଯାଇଥିବା ପରିବାର ଲୋକ ଭାବିଥିଲେ। ୧୭ ତାରିଖ ସକାଳେ ଗାଁ ଶେଷ ମୁଣ୍ଡରେ ଥିବା ଏକ ନାଳରେ ତାଙ୍କ ମୃତଦେହ ପଡିଥିବା ଜଣାପଡିଥିଲା। ଏନେଇ ଅଭିଯୋଗ ପରେ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୧୫୩/୧୯ରେ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ ବେଳେ ପ୍ରକାଶଙ୍କୁ ତାଙ୍କ ଗ୍ରାମର କବିରାଜ ମଳିକ ଓ ବୀର ମଳିକ ହତ୍ୟା କରିଥିବା ଜଣାପଡିଥିଲା। ଉଭୟଙ୍କୁ ଗିରଫ କରି ଜେରା କରିଥିଲା। ବାଉଁସିଆପଲିରେ ରଜ ପର୍ବ ଯାତ୍ରା ଦେଖିବାକୁ କହି ପ୍ରକାଶଙ୍କୁ ୨ ଅଭିଯୁକ୍ତ ଡାକି ନେଇଥିଲେ। ସେଠାରେ ସମସ୍ତେ ମିଶି ନିଶାପାନ କରିଥିଲେ। ଗାଁ ମୁଣ୍ଡରେ ପ୍ରକାଶ ଶୋଇ ପଡିଥିବା ବେଳେ କବିରାଜ ଓ ବୀର ନିଜ ନିଜ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ କବିରାଜ ଏକ କାତି ଆଣି ପ୍ରକାଶଙ୍କ ମୁଣ୍ଡ, ପେଟ ଓ ଛାତିକୁ ହାଣି ହତ୍ୟା କରିଥିଲେ। ପରେ ସେ ଏ ନେଇ ବୀରଙ୍କୁ ଜଣାଇଥିଲେ। ଉଭୟେ ମିଶି ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ଟାଣି ଟାଣି ଆଣି ନାଳରେ ପକାଇ ଚମ୍ପଟ ମାରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଭାବାନନ୍ଦ ପ୍ରଧାନ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୨୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପର ଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଦୁଇ ଅଭିଯୁକ୍ତ କବିରାଜ ଓ ବୀରଙ୍କୁ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ବିଚାର ବେଳେ ସାକ୍ଷୀ ମାନଙ୍କ ବୟାନରେ ତାଳମେଳ ରହି ନ ଥିଲା। ଯାହାଫଳରେ ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଅଭିଯୁକ୍ତଦ୍ୱୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ନାବାଳିକା ବଳାତ୍କାର ମାମଲା: ଯୁବକ ନିର୍ଦ୍ଦୋଷ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଫାଷ୍ଟଟ୍ରାକ ପୋକ୍ସୋ ଜଜ୍ ଗଣେଶ୍ୱର ପତି ବୁଧବାର ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ନୟାଗଡ ଜିଲା ନୂଆଗାଁ ଥାନା ଅନ୍ତର୍ଗତ ସୋରଡ଼ାର ନୁକମନ ଖାନ୍ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୨୩ ଜାନୁଆରୀ ୩ ତାରିଖରେ ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନମ୍ବର ୩୧୧/୨୩ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୀଡ଼ିତାଙ୍କୁ ଢେଙ୍କାନାଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ସେଠାରୁ କାବୁ କରିଥିଲା। ପୀଡ଼ିତାଙ୍କ ବୟାନ ଅନୁସାରେ ଅଭିଯୁକ୍ତଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଗତ ଅଗଷ୍ଟ ମାସରେ ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା। ରାୟ ପ୍ରକାଶ ବେଳେ ନୁକମନ ଖାନ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ସଂଗ୍ରାମ କୁମାର ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର କନିଷ୍ଠ ସହାୟକ ଚାକିରିରୁ ବହିଷ୍କୃତ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ

ବ୍ରହ୍ମପୁର,୧।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଆୟ ବର୍ହିଭୂତ ସମ୍ପରି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ପୂର୍ବତନ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ତଥା ବର୍ତ୍ତମାନର ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର କନିଷ୍ଠ ସହାୟକ ଏନ୍. ପ୍ରକାଶ ପାତ୍ର ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଚିଠି (ନଂ.୧୫୨୬୦)ରେ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ଏହି ସୂଚନା ଦେଇଛନ୍ତି।

୨୦୦୯ ମାର୍ଚ୍ଚ ୧୯ ତାରିଖରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏସ.କିଶୋର ପଟ୍ଟନାୟକ ନାମକ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ବକେୟା ବିଲ ପାସ କରିବା ପାଇଁ ପ୍ରକାଶ ୧ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ପରେ ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରକାଶଙ୍କ କାର୍ଯ୍ୟାଳୟ ସମେତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ହୋଇଥିଲା। ୨୦୦୯ ସେପ୍ଟେମ୍ବର ୩୦ ତାରିଖରେ ପ୍ରକାଶ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆକଳନ କରାଯାଇଥିଲା। ୧୨ ଲକ୍ଷ ୧୯ ହଜାର ୩୬୪ ଟଙ୍କାର ହିସାବ ପ୍ରକାଶ ଭିଜିଲାନ୍ସକୁ ଦେଇ ନ ପାରିବାରୁ ତାଙ୍କ ବିରୋଧରେ ୩୬/୦୯ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ତାଙ୍କର ୯ଲକ୍ଷ ୬୭ ହଜାର ୩୮୬ ଟଙ୍କା ଆୟବର୍ହିଭୂତ ସମ୍ପତ୍ତି ଆକଳନ ହୋଇଥିଲା। ସେପ୍ଟେମ୍ବର ୩୦ ତାରିଖରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ଏହି ମାମଲାର ବିଚାର କରି ପ୍ରକାଶ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଦୋଷୀ ସାବ୍ୟସ୍ତ ହୋଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ କରାଯାଇଥିଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଦୋଷୀ ସାବ୍ୟସ୍ତ ଅଧିକାରୀଙ୍କୁ କାର୍ଯ୍ୟରୁ ବିଦା କରିବାକୁ ନିଷ୍ପତ୍ତି ନେବା ସହ ମଞ୍ଜୁର କରିଥିଲେ। ବ୍ରହ୍ମପୁର ଲୋଚପଡା ଗୋଲା ଜଗନ୍ନାଥପୁରର ମୂଳନିବାସୀ ପ୍ରକାଶ ବର୍ତ୍ତମାନ ହିଲପାଟଣା ବିଜୟ ଟାୱାରରେ ରହୁଛନ୍ତି।

## ଇସ୍ରାଏଲର ନରସଂହାରକୁ ନିନ୍ଦା

### ସିପିଏମ୍ର ପାଲେଷ୍ଟାଇନ ସଂହତି ଦିବସ

ବ୍ରହ୍ମପୁର,୧।୧୧(ନରସିଂହ ସାହୁ) ସିପିଆଇ (ଏମ) ଗଞ୍ଜାମ ଜିଲା କମିଟି ପକ୍ଷରୁ ବୁଧବାର କମାପଲ୍ଲୀ ଛକରେ ପାଲେଷ୍ଟାଇନ ସଂହତି ଦିବସ ପାଳିତ ହୋଇଥିଲା। ଅଲଇଣ୍ଡିଆ ପିସ୍ ଅର୍ଗାନାଇଜେସନ ଡ଼ାକରାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସିପିଏମର ଛାମୁଆ ସଂଗଠନଗୁଡ଼ିକ ସାମିଲ ହୋଇଥିଲେ। ଆୟୋଜିତ ବିକ୍ଷୋଭ ସମାବେଶରେ ଇସ୍ରାଏଲର ଗଣହତ୍ୟାର ନିନ୍ଦା କରାଯିବା ସହ ପାଲେଷ୍ଟାଇନକୁ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେବା ପାଇଁ ସଚେତନ ଜନଗଣ ତୀବ୍ର ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା।

ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପାଲେଷ୍ଟାଇନବାସୀଙ୍କୁ ନିଜ ଦେଶରେ ରହିବା ଅଧିକାରରୁ ବଂଚିତ କରିବା ପାଇଁ ସାମ୍ରାଜ୍ୟବାଦୀ ଆମେରିକା ଓ ଇଂଲଣ୍ଡ ଭଳି ରାଷ୍ଟ୍ରଗୁଡ଼ିକ ଚଳାଇଥିବା ଚକ୍ରାନ୍ତର ନିନ୍ଦା କରାଯାଇଥିଲା। ଇସ୍ରାଏଲ ବେଆଇନ ଭାବେ ଦଖଲ କରିଥିବା ପାଲେଷ୍ଟାଇନ ଅଞ୍ଚଳରୁ ହଟିବା ଲାଗି ବିଶ୍ୱର ଶାନ୍ତିକାମୀ ରାଷ୍ଟ୍ରଗୁଡ଼ିକ ମିଳିତ ଉଦ୍ୟମ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ଅତୀତରେ ଯୁଦ୍ଧ ବିରୋଧରେ ଏବଂ ମୁକ୍ତି ସଂଗ୍ରାମ ସପକ୍ଷରେ ସ୍ୱର ଉତ୍ତୋଳନ କରୁଥିବା ଭାରତ ସରକାର ଏବେ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ସମାଲୋଚନା କରାଯାଇଥିଲା। ଯୁଦ୍ଧ ବନ୍ଦ ନିମନ୍ତେ ଜାତିସଂଘରେ ଆଗତ ପ୍ରସ୍ତାବର ଭୋଟ ଗ୍ରହଣରୁ ଭାରତ ବିରତ ରହିବା ଫଳରେ ସାମ୍ରାଜ୍ୟବାଦୀ ଶକ୍ତିର ଗୋଡ଼ାଣିଆ ସାଜିଥିବା ନୀତି ପଦାରେ ପଡ଼ିଥିବା ସମାବେଶରେ ଅଭିଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ବାମପନ୍ଥୀ ନେତା କୈଳାସ ଷଡ଼ଙ୍ଗୀ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ହରିକୃଷ୍ଣ ରେଡ଼ି, ବିଦ୍ୟାଧର ଜେନା, ଅଜୟ ଗୌଡ଼, ଜୟନ୍ତୀ ବାଳା ମିଶ୍ର, ବିଷ୍ଣୁପ୍ରିୟା ସାହୁ, ଗାୟତ୍ରୀ ଗୌଡ଼, ରଂଜନ ପାତ୍ର, ପୁରୁଷୋତ୍ତମ ସାହୁ, ନୃସିଂହ ବ୍ରହ୍ମା ପ୍ରମୁଖ ଉଦବୋଧନ ଦେଇ ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ଲାଗି ଗୁରୁତ୍ୱ ଦେଇଥିଲେ।



ସିପିଏମ୍ର ପାଲେଷ୍ଟାଇନ ସଂହତି ଦିବସ ପାଳନ ଅବସରରେ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବିଜେଡିର ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

ଦିଗପହଣ୍ଡି,୧।୧୧(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବିଜୁ ଜନତା ଦଳ ତରଫରୁ ବୁଧବାର ସ୍ଥାନୀୟ ନନ୍ଦିଘୋଷ କଲ୍ୟାଣ ମଣ୍ଡପ ପରିସରରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ବ୍ଲକ ବିଜେଡି ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର, ବିଜେଡି ଗଞ୍ଜାମ ଜିଲା କମିଟି ସଭାପତି ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ବିଜେଡି ମହିଳା ଉପ ସଭାନେତ୍ରୀ ଶ୍ୱେତପ୍ରଜ୍ଞା ପଟ୍ଟନାୟକ, ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର, ବିଜେଡି ଗଞ୍ଜାମ ଜିଲା କମିଟି ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଏମ.ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀ, ନଗର ବିଜେଡି ମହିଳା ସଭାନେତ୍ରୀ ଅନୀତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ରାଜ୍ୟ ବିଜେଡି ମୁଖପାତ୍ର ସୋଫିଆ ଆଲମ, ଲୋରା ମହାପାତ୍ର, ଡଃ . ପ୍ରିୟବ୍ରତ ମାଝୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଦିଗପହଣ୍ଡି ବ୍ଲକର ୨୫ ଓ ୨୮ ନଂ ଜୋନ ଅଧିନ ୧୩ ଟି ପଞ୍ଚାୟତର ସମସ୍ତ ବିଜେଡ଼ି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିବିରରେ ସରପଞ୍ଚ ଏମ.ଶ୍ୟାମଘନ, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ରବିନ୍ଦ୍ର ଗୌଡ଼, ସନ୍ତୋଷ ଦୋରା, ସୀମାଞ୍ଚଳ ଗୌଡଙ୍କ ସମେତ ବହୁସଂଖ୍ୟକ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଉପସ୍ଥିତ ମହିଳା ବିଜେଡିର କାର୍ଯ୍ୟକର୍ତ୍ତା ବୃନ୍ଦ।

## ଜିଲାସ୍ତରୀୟ କଳା ପ୍ରତିଯୋଗିତା, ମିଲେଟ ମିଶନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୧।୧୧ (ତନୁଶ୍ରୀ ନାହାକ) ମେଡ଼ିକାଲ କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜିଲାସ୍ତରୀୟ କଳା ପ୍ରତିଯୋଗିତା ଓ ମିଲେଟ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଡ଼. ପ୍ରଭାତି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ଯୋଗ ଦେଇ ନିୟମିତ ଖାଦ୍ୟରେ ମାଣ୍ଡିଆ ବ୍ୟବହାର ଦ୍ୱାରା ଶରୀରରେ ଲୌହ ତଥା ଅନ୍ୟାନ୍ୟ ପୋଷକତତ୍ୱର କିପରି ବୃଦ୍ଧି ହୋଇଥାଏ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମହୋନ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ଏସଟିଏସି ସଂଯୋଜକ ଡ଼.ସରୋଜ ମୋହନ ପାଳ, ଶାରୀରିକ ଜିଲା ପରିଦର୍ଶକ ଭାଗୀରଥୀ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଅଜିତ୍ କୁମାର ମହାପାତ୍ର, କୃଷି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଥ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୧୪୦ ଜଣ ଛାତ୍ରୀଛାତ୍ର ଭାଗନେଇ କ୍ଲାସିକାଲ ଡ୍ୟାନ୍ସ, ଲୋକନୃତ୍ୟ, ଭିଜୁଆଲ ଆର୍ଟସ, ଏକକ ନାଟକ ମେଲୋଡ଼ି, ବକ୍ତୃତା, ପ୍ରବନ୍ଧ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ମାନେ ଆଗାମୀ ଦିନରେ ହେବାକୁ ଥିବା ଜୋନ୍ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

